# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 30th January – 2026

*********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାମାସ ୧୭ ତାରିଖରୁ ହେବ ଆରମ୍ଭ ।

— ଫେବୃୟାରୀ ୨୦ ତାରିଖରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ ବଜେଟ୍ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶାର କଳା, ସଂସ୍କୃତି ଓ ବୈଭବ ପ୍ରଦର୍ଶିତ କରୁଥିବା ଓଡ଼ିଶା ପରବ-୨୦୨୬କୁ ଗୁଆହାଟୀଠାରେ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

- ଜଳବାୟୁ ସ୍ଥିରତା ବୃଦ୍ଧିପାଇଁ ଓଡ଼ିଶା ପକ୍ଷରୁ କୃଷିକ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟର ହେଲା ଆରମ୍ଭ ।

- ରାଜ୍ୟର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଓ ନାଗରିକ ଅନୁକୂଳ କରିବାପାଇଁ ସରକାର ସଙ୍କଳ୍ପବଦ୍ଧ ।

ଏବଂ

- କୋରାପୁଟ ଜିଲ୍ଲା କୋଟିଆପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍; କହିଲେ ରାଜସ୍ୱ ମନ୍ତ୍ରୀ ।

***Desk***

## ରାଜ୍ୟ ବଜେଟ୍

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ୍ ଅଧିବେଶନ ଆସନ୍ତାମାସ ୧୭ ତାରିଖରୁ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଗୃହରେ ଅଭିଭାଷଣ ରଖିବେ । ଫେବୃୟାରୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷପାଇଁ  ବଜେଟ୍ ଉପସ୍ଥାପନ କରିବେ । ୨୩ ଓ ୨୪ ତାରିଖ ଦୁଇଦିନ ବଜେଟ୍ ଉପରେ ଆଲୋଚନା ହେବ । ମାର୍ଚ୍ଚ ୩୧  ତାରିଖରେ ଗୃହରେ ବ୍ୟୟ ମଞ୍ଜୁରି ବିଧେୟକ ଆଗତ ହେବ ବୋଲି ଜଣାପଡ଼ିଛି । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି । ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୭ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଏପ୍ରିଲ୍ ମାସ ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

*Desk*

# ଓଡ଼ିଶା ପରବ

ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଏବଂ ବୈଭବକୁ ପ୍ରଦର୍ଶିତ କରୁଥିବା ଓଡ଼ିଶା ପରବ-୨୦୨୬କୁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆସାମର ଗୁଆହାଟୀଠାରେ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶ୍ରୀମତୀ ପରିଡ଼ା କହିଛନ୍ତି, ପରବରେ ରାଜ୍ୟର ସମୃଦ୍ଧ ଐତିହ୍ୟ, ଖାଦ୍ୟ ଓ ପର୍ଯ୍ୟଟନର ପ୍ରଦର୍ଶନ କରାଯାଉଛି । ତିନିଦିନିଆ ଉତ୍ସବରେ ରାଜ୍ୟର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗଦେଇ କୋଟପାଡ଼ ବସ୍ତ୍ର, ସବାଇ ଘାସ ହସ୍ତଶିଳ୍ପ ଏବଂ ପ୍ରାମାଣିକ ଓଡ଼ିଆ ଖାଦ୍ୟକୁ ଅସାମରେ ପ୍ରଦର୍ଶିତ କରି ସୃଜନଶୀଳତା ଓ ଉଦ୍ୟୋଗକୁ ଜାତୀୟ ସ୍ତରରେ ପ୍ରତିପାଦନ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀମତୀ ପରିଡ଼ାଙ୍କ ସହ ବିଭାଗୀୟ ସଚିବ ବଲ୍‌ୱନ୍ତ ସିଂହ, ଆସାମ ପର୍ଯ୍ୟଟନର ପରିଚାଳନା ନିର୍ଦ୍ଦେଶକ କୁମାର ପଦ୍ମପାଣି ବୋରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରବ ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ ।

*Ganjam/R*

# ବେଳାଭୂମି ମହୋତ୍ସବ

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମି ମହୋତ୍ସବର ଚତୁର୍ଥ ତଥା ଅନ୍ତିମ ଦିବସ କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ

ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଅଛନ୍ତି ।

***Desk***

# ଅଶ୍ୱିନୀ - ଏ.ଆଇ. ସମ୍ମିଟ୍

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସନ୍ତା ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଇଣ୍ଡିଆ ଏ.ଆଇ. ଇମ୍ପାକ୍ଟ ସମିଟ୍ ୨୦୨୬ ଅନୁଷ୍ଠିତ ହେବ । ସାରା ବିଶ୍ୱରେ ଅନୁଷ୍ଠିତ ଏ.ଆଇ. ସମ୍ମିଳନୀ ମଧ୍ୟରେ ଏହା ସର୍ବବୃହତ ସମ୍ମିଳନୀ ହେବ ବୋଲି ସେ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ସମ୍ମିଳନୀରେ ୧୦୦ରୁ ଅଧିକ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଯୋଗଦେବେ । ଦେଶରେ ଯେଉଁଭଳି ଭାବେ ଏ.ଆଇ. ଇକୋ ସିଷ୍ଟମ୍‌ର ବିକାଶ ଘଟୁଛି ତାହା ଅତ୍ୟନ୍ତ ଉତ୍ସାହଜନକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :.........

# କୃଷି-କୃଷକ କର୍ମଶାଳା

ଜଳବାୟୁ ସ୍ଥିରତା ବୃଦ୍ଧି ପାଇଁ ଓଡ଼ିଶା ପକ୍ଷରୁ କୃଷିକ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି । ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଜୀବନ ଜୀବିକା ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ଜଳବାୟୁ ସ୍ଥିରତା ନିତାନ୍ତ ଜରୁରୀ ବୋଲି କହିଛନ୍ତି । ମରୁଡ଼ିପ୍ରବଣ ଜିଲ୍ଲାଗୁଡ଼ିକରେ ଜଳବାୟୁ ସ୍ଥିରତା ଆଣିବା, ଉତ୍ପାଦନରେ ବୃଦ୍ଧି ଓ ଫସଲ ବିବିଧୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । କୋମନା, କୋଷାଗୁମୁଡ଼ା ଏବଂ ରରୁଆଁ ବ୍ଲକ୍‌ରେ କାର୍ଯ୍ୟକାରୀ ହୋଇଥିବା ଓଡ଼ିଶା କୃଷିକ୍ଷେତ୍ରରେ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଆଦିବାସୀ ମହିଳା ଓ ଯୁବଚାଷୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୪୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶିଦ୍ୱାରା ପ୍ରାୟ ୨୪ ହଜାର ପରିବାରକୁ ଲାଭ ପହଞ୍ଚାଇବା ସହ ସେମାନଙ୍କ ଜୀବିକାକୁ ସୁଦୃଢ଼ ଓ ପ୍ରବାସ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଦେଶରେ ମରୁଡ଼ି ପ୍ରଶମନ ଉପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଥିବା ଏହା ପ୍ରଥମ କାର୍ଯ୍ୟକ୍ରମ । ବିଜ୍ଞାନ ନେତୃତ୍ୱାଧୀନ ଯୋଜନା, ସମନ୍ୱୟ ଓ ସମ୍ପ୍ରଦାୟ ମାଲିକାନା ଉପରେ କାର୍ଯ୍ୟକ୍ରମଟି ଧ୍ୟାନ କେନ୍ଦ୍ରିତ କରୁଛି ।

*IPR*

# ପାର୍କ ସୌନ୍ଦର୍ଯ୍ୟକରଣ

ରାଜ୍ୟର ସହରଗୁଡ଼ିକୁ ସ୍ୱଚ୍ଛ, ସବୁଜ ଏବଂ ନାଗରିକ ଅନୁକୂଳ କରିବାପାଇଁ ସରକାର ସଙ୍କଳ୍ପବଦ୍ଧ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଭୁବନେଶ୍ୱରଠାରେ ଆଜି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଚନ୍ତି, ସହରାଞ୍ଚଳରେ ଜୀବନଧାରଣର ମାନ ବୃଦ୍ଧି ଏବଂ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷାପାଇଁ ସରକାର ପଦକ୍ଷେପ ନେଉଛନ୍ତି । ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ସାମଗ୍ରିକ ଉନ୍ନତିପାଇଁ ଏକ ସମୟବଦ୍ଧ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାର୍କଗୁଡ଼ିକ କେବଳ ମନୋରଞ୍ଜନ ସ୍ଥାନ ନୁହେଁ; ଏହା ସହରର ସାମାଜିକ, ପରିବେଶ ଓ ସାଂସ୍କୃତିକ ପରିଚୟ । ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ଏହା ସିଧାସଳଖ ଜଡ଼ିତ । ପାର୍କରେ ଥିବା ପ୍ରତିମୂର୍ତ୍ତିର ଯତ୍ନ ନେବାକୁ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପାର୍କଗୁଡ଼ିକର ପୁନରୁଦ୍ଧାରପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତ୍ତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି ।

*HS*

# କୋଟିଆ - ରୋଡ୍‌ମ୍ୟାପ୍

ରାଜ୍ୟ ସରକାର’ କୋରାପୁଟ ଜିଲ୍ଲା କୋଟିଆପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । କୋଟିଆ ସମ୍ପର୍କିତ ପ୍ରସଙ୍ଗରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ । ଏହାର ବିକାଶପାଇଁ ପୂର୍ଣ୍ଣକାଳୀନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଦୀର୍ଘଦିନରୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସୀମା ଅତିକ୍ରମ କରି ଲୋକଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଆସୁଛି । କୋଟିଆରେ ବେଆଇନ ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

***Voice (Suresh Pujari)* :........**

*Desk*

# ବିଶ୍ୱ କୁଷ୍ଠରୋଗ ଦିବସ

କୁଷ୍ଠରୋଗର ନିରାକରଣ ଓ ରୋଗୀକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ କୁଷ୍ଠ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି “କୁଷ୍ଠରୋଗ ଆରୋଗ୍ୟସାଧ ଏବଂ ସାମାଜିକ ପ୍ରତିବନ୍ଧକ ରୋଗର ମୂଳ ଆହ୍ୱାନ” ।

କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱପାଇଁ ଏହି ରୋଗ ଚିନ୍ତାର କାରଣ ପାଲଟିଛି । ଏହା ଏକ ଅଣସଂକ୍ରାମକ ରୋଗ ହୋଇଥିବାବେଳେ ଏଥିରେ ପୀଡ଼ିତ ଲୋକ ସମାଜରେ ଘୃଣାର ଶିକାର ହୋଇଥା'ନ୍ତି । ତେବେ ରୋଗରେ ପୀଡ଼ିତ ଲୋକଙ୍କୁ ଘୃଣା ନ କରି ରୋଗର ମୂଳୋତ୍ପାଟନ କରିବାପାଇଁ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିଆସୁଛନ୍ତି । ୧୯୫୩ ମସିହାରେ ପ୍ରଥମ ଥରପାଇଁ ରୋଗ ସମ୍ପର୍କରେ ଲୋକଙ୍କ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଆସୁଛି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଆକାଶବାଣୀକୁ କହିଛନ୍ତି :

***Voice (N. Mishra)*** :.........

***Bolangiri/R***

## ପି.ଏମ୍.ଶ୍ରୀ ଉତ୍ସବ

ବଲାଙ୍ଗିର ଜିଲ୍ଲା ପୃଥ୍ୱୀରାଜ ହାଇସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପି.ଏମ୍.ଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କଦ୍ୱାରା ପ୍ରସ୍ତୁତ ପ୍ରଦର୍ଶନୀ ମେଳା ବୁଲି ଦେଖିଥିଲେ । ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ ପାଇଁ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହେବା ସହ ଆତ୍ମନିର୍ଭର ଭାରତ ଗଠନରେ ଭାଗିଦାର ହେବାପାଇଁ ଶ୍ରୀ ମହାଲିଙ୍ଗ ସେମାନଙ୍କୁ ପରାମର୍ଶ ଦେଇଛନ୍ତି ।

*Deogarh/R*

# ଜିଲ୍ଲା ପରିଷଦ ବୈଠକ

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ନବମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା ।

*Nayagarh/R*

# ଶିବରାତ୍ରି - ପ୍ରସ୍ତୁତି ବୈଠକ

ନୟାଗଡ଼ ଜିଲ୍ଲା ଶରଣକୁଳଠାରେ ଥିବା ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ମହାଶିବରାତ୍ରି ଯାତ୍ରା ସଂକ୍ରାନ୍ତରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି ଯାତ୍ରାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ଶ୍ରଦ୍ଧାଳୁଙ୍କ ସୁବିଧା ନେଇ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ।

*Kendrapara/R*

# ସଡ଼କ ସୁରକ୍ଷା ସଚେତନତା

କେନ୍ଦ୍ରାପଡ଼ା ଜିଲ୍ଲାରେ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ମାସେ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ  ସଚେତନତା ଶିବିର, ଚକ୍ଷୁ ପରୀକ୍ଷା, ରକ୍ତଦାନ ଶିବିର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

*Ganjam/R*

# ବାର୍ଷିକ ଉତ୍ସବ

ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ସରୋଜ କୁମାର ପାଢ଼ୀ ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

*Khurda/R*

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଖୋର୍ଦ୍ଧା ବ୍ଲକ୍ କାଇପଦର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ଥିବା ୭ଟି ବିଦ୍ୟାଳୟର ୩୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଏବଂ ଫଳାଫଳ ସଂକ୍ରାନ୍ତରେ ପ୍ରଶିକ୍ଷଣ ଦିଆଯାଉଛି ।

*Khurda/R*

# ସହିଦ୍ ଦିବସ

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସହିଦ୍ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେଉରା ଯୋଗଦେଇ ବୀର ସହିଦ୍‌ମାନଙ୍କ ଅମର କର୍ତ୍ତବ୍ୟ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

*Gajapati/R*

# ଆଇନ ସଚେତନତା

ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭିନ୍ନ ଆଇନଗତ ସହାୟତା ଏବଂ ସରକାରୀ ସୁବିଧା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା ।

*Gajapati/R*

# ଗାଇଡ୍ କେମ୍ପୋରୀ

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନବମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍-ଗାଇଡ୍ କେମ୍ପୋରୀ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଦାଶରଥୀ ଗମାଙ୍ଗୋ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

*Nayagarh/R*

# ତୃତୀୟଲିଙ୍ଗୀ - ଆଇନ ସଚେତନତା

ନୟାଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସେବା ଅନୁଷ୍ଠାନଠାରେ ତୃତୀୟଲିଙ୍ଗୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ  ଅଞ୍ଜଳି ମଛଖଣ୍ଡ ଯୋଗଦେଇ ସେମାନଙ୍କପାଇଁ ଥିବା ବିଭିନ୍ନ ଆଇନ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

******